ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଯାପିତ

ଭୁବନେଶ୍ୱର, ୦୪ ଫେବୃଆରୀ, ୨୦୧୯

ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଜାନୁଆରୀ ୨୮ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୩ ତାରିଖରେ ସମାପ୍ତ ହୋଇଛି । ଏହି ସପ୍ତାହବ୍ୟାପୀ ପ୍ରେରଣାଦାୟୀ ମେଳାରେ ଉଦ୍ୟୋଗୀ, ଶିଳ୍ପ ସଂଘ, ରାପ୍ତାନୀକାରୀ, ବି ସ୍କୁଲର ଛାତ୍ରଛାତ୍ରୀ, ସରକାରୀ ପଦାଧିକାରୀ, ସାଧାରଣ ଜନତାଙ୍କ ସମେତ ବଙ୍ଗଳାଦେଶ, ଇରାନ୍, କାମ୍ବୋଡ଼ିଆ ଓ  ଉତ୍ତରକୋରିଆରୁ ବ୍ୟବସାୟିକ ପ୍ରତିନିଧିମାନେ ଯୋଗଦେଇଥିଲେ । ଏଥି ସହିତ ଅର୍ଥ, ଅବକାରୀ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ଶଶିଭୂଷଣ ବେହେରା, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ, ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଶ୍ରୀ ସୁବ୍ରତ ବାଗ୍‌ଚୀ, ଭାରତ ସରକାର ଓ ରାଜ୍ୟ ସରକାରଙ୍କ ଉଚ୍ଚ ପଦାଧିକାରୀ ଯୋଗଦେଇ ନବପ୍ରବର୍ତ୍ତନ, ଔଦ୍ୟୋଗିକତା, ଏମ୍‌ଏସ୍‌ଏମ୍‌ଇର ବିକାଶ, ଅଭିବୃଦ୍ଧି, ପୋଷଣୀୟତା ଉପରେ ମୂଲ୍ୟବାନ ପରାମର୍ଶ ପ୍ରଦାନ କରି ମେଳାକୁ ସଫଳ କରିଥିଲେ । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା ।

ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସାମଲ କହିଲେ ଯେ ଏମ୍‌ଏସ୍‌ଏମ୍‌ଇମନଙ୍କର  ରାଜ୍ୟର ମୋଟ ଘରୋଇ ଉତ୍ପାଦ ଓ ରପ୍ତାନୀରେ ବୃହତ୍ ଯୋଗଦାନ ରହିଛି । ଏହା ଛଡ଼ା ରାଜ୍ୟର ଅର୍ଥନୀତି ଓ ନିଯୁକ୍ତିସୃଜନରେ ଏହାର ଭୂମିକା ଅନସ୍ୱୀକାର୍ଯ୍ୟ । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିକାଶ ପାଇଁ ଓଡ଼ିଶା ସରକାର ଅନେକ ପଦକ୍ଷେପ ନେବା ସହିତ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସାମଲ କହିଥିଲେ ।

ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତା ଭିଏତନାମର ରାଷ୍ଟ୍ରଦୂତ ମି. ଫାନ୍ ସାନ୍ହ ଚାଉଙ୍କ ସହିତ ଶିଳ୍ପ ସଂଘମାନଙ୍କର ଆଲୋଚନା ସଂପର୍କରେ ଆଲୋକପାତ କରିଥିଲେ । ପର୍ଯ୍ୟଟନ, ଔଷଧ, ସ୍ୱାସ୍ଥ୍ୟସେବା ଓ ସାମୁଦ୍ରିକ କ୍ଷେତ୍ରରେ ପାରସ୍ପରିକ ସହଯୋଗ ଉପରେ ମୁଖ୍ୟତଃ ଏହି ଆଲୋଚନା ହୋଇଥିଲା । ଇରାନ୍‌ର ଖଜାର ଇଲେକ୍ଟ୍ରିକ୍ କମ୍ପାନୀ ଓ ଓଏସ୍‌ଏମ୍‌ଇ ସହଯୋଗ ଓ ପ୍ରଯୁକ୍ତି ହସ୍ତାନ୍ତର ସଂପର୍କିତ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ୧୦୦ରୁ ଅଧିକ ଷ୍ଟାର୍ଟଅପ୍‌ମାନଙ୍କୁ ନେଇ ୪ଟି ସେକ୍ଟୋରାଲ ମେଣ୍ଟରିଂ ଅଧିବେଶନ ଆୟୋଜିତ ହେବା ସହିତ ଗତ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରାର ୧୪ ଜଣ ସଫଳ ଇନ୍‌କ୍ୟୁବେଟେଡ୍ ଷ୍ଟାର୍ଟଅପ୍‌କୁ ୫୦ ହଜାର ଟଙ୍କା ଲେଖାଏଁ ସିଡ୍ ମନି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ବାଣିଜ୍ୟ ମେଳାରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା ଓ ପ୍ରାୟ ୪.୫ କୋଟି ଟଙ୍କାର କାରବାର ହୋଇଥିଲା ବୋଲି ଶ୍ରୀ ଗୁପ୍ତା ସୂଚନା ଦେଇଥିଲେ ।

ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରଣବ ଜ୍ୟୋତି ନାଥ ଅତିଥି, ଅଂଶଗ୍ରହଣକାରୀ ଏବଂ ଜନସାଧାରଣଙ୍କୁ ସ୍ୱାଗତ ଜଣାଇଥିଲେ । ସେ କହିଥିଲେ ଯେ ଏହି ବାଣିଜ୍ୟ ମେଳା ମାନ୍ୟବର ମନ୍ତ୍ରୀ ଶ୍ରୀ ସାମଲ ଓ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଗୁପ୍ତାଙ୍କ ମାର୍ଗଦର୍ଶନରେ ସଫଳ ହୋଇପାରିଛି ।

ଉଦ୍‌ଯାପନୀ ଉତ୍ସବ ଅବସରରେ ୩୭ ଜଣ ଅଂଶଗ୍ରହଣକାରୀଙ୍କୁ ଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ଓଏସ୍‌ଆଇସିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପି.କେ. ଜେନା ଧନ୍ୟବାଦ ଦେଇଥିଲେ ।

ବସନ୍ତ କୁମାର ମହାନ୍ତି
ସୂଚନା ଅଧିକାରୀ